ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-22-5/4/21




# ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ

## ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଓ ସକ୍ରିୟ ସହଯୋଗକୁ କେନ୍ଦ୍ରୀୟ ସଚିବଙ୍କ ପ୍ରଶଂସା

ଭୁବନେଶ୍ୱର, ୫.୪.୨୧

ରାଜ୍ୟରେ ପ୍ରମୁଖ ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପ ଦିଗରେ ଥିବା କ୍ଷେତ୍ରସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ସହ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକର ଆଲୋଚନାରୁ ଏହା ଜଣାପଡ଼ିଛି ।

ରାଜ୍ୟ ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରିୟ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଶାସନ ସଚିବ ଶ୍ରୀ ତରୁନ କାପୁର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷାକରି ସନ୍ତୋଷ ପ୍ରକାଶ କରିବା ସହ ସକ୍ରିୟ ଏବଂ ସମୟୋପଯୋଗୀ ସହଯୋଗପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଶ୍ରୀ କାପୁର କହିଥିଲେ ଯେ ମନ୍ତ୍ରଣାଳୟର ସର୍ବାଧିକ ପୁଞ୍ଜିନିବେଶ ଓଡ଼ିଶାରେ ହୋଇଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ

ପୁଞ୍ଜିନିବେଶର ବ୍ୟବସ୍ଥା କରାଯାଇଛି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍‌ର ବିଭିନ୍ନ ପ୍ରକଳ୍ପ ନିମନ୍ତେ ରାଜ୍ୟସରକାରଙ୍କ ଠାରୁ ବିଭିନ୍ନ ସମୟରେ ଅକୁଣ୍ଠ ସହଯୋଗ ମିଳିଛି ।

ସମୀକ୍ଷାରୁ ଜଣାପଡ଼ିଥିଲାଯେ ସୁନ୍ଦରଗଡ଼, ଅନୁଗୁଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲ୍ଲାଦେଇ ଯାଉଥିବା ଗ୍ୟାସ୍ ପାଇପ୍ ଲାଇନ୍ ନିମନ୍ତେ ୬୫ କି.ମି. ର ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଅନୁମତି ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକୀୟ ଅନୁମୋଦନ ମିଳିସାରିଛି ଏବଂ ଏସବୁ ଜିଲ୍ଲାରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ତ୍ୱରାନ୍ୱିତ ଗତିରେ ଚାଲିଛି ।

ବୈଠକରେ ମୁଖ୍ୟତଃ ଗେଲ୍ ଇଣ୍ଡିଆର ବୋକାରୋ-ଅନୁଗୁଳ ପାଇପ୍ ଲାଇନ୍; ଆଇ. ଓ. ସି. ଏଲ୍ ର ପାରାଦ୍ୱୀପ-ହାଇଦ୍ରାବାଦ୍ ପାଇପ୍ ଲାଇନ୍ ଏବଂ ପାରାଦ୍ୱୀପ-ସୋମନାଥପୁର ହଳଦିଆ ପାଇପ୍ ଲାଇନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ହୋଇଥିଲା । ଏହି ତିନିଟି ପ୍ରକଳ୍ପ ସୁନ୍ଦରଗଡ଼, ଅନୁଗୁଳ, ଜଗତସିଂପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଆଦି ୬ଟି ଜିଲ୍ଲାଦେଇ ଗତିକରୁଛି । ଯେଉଁମାନଙ୍କର ଜମି ତଳ ଦେଇ ପାଇପ୍ ଲାଇନ୍ ଯାଉଛି ସେମାନଙ୍କୁ କ୍ଷତିପୂରଣ ସହାୟତା ବଣ୍ଟନ, ଜଙ୍ଗଲ ଅନୁମତି ଏବଂ ଅନ୍ୟାନ୍ୟ ଆଇନ୍ ଗତ ଅନୁମତି ଆଦି ବିଷୟ ଆଲୋଚନା ହୋଇ ସେସବୁର ଆଶୁ ସମାଧାନ କରାଯାଇଥିଲା । ପାରାଦ୍ୱୀପର ପି.ସି.ପି.ଆଇ.ଆର ଓ ପ୍ଲାଷ୍ଟିକ୍ ପାର୍କ ର ଅଗ୍ରଗତି ବିଷୟ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।




କୃଷି ବର୍ଜ୍ୟ, ଗୋବର ଏବଂ କଠିନ ବର୍ଜ୍ୟବସ୍ତୁ, ଆଦିରୁ ବାଇଓ ଫ୍ୟୁଜ୍ ପ୍ରକ୍ରିୟା ମାଧ୍ୟମରେ ଗ୍ୟାସ୍ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । କୃଷି ବର୍ଜ୍ୟରୁ ଗ୍ୟାସ୍ ଉତ୍ପାଦନ ନିମନ୍ତେ ଆପିକଲ୍ ମାଧ୍ୟମରେ ତୁରନ୍ତ ମୋଡ଼େଲ୍ ଗାଇଡ଼ ଲାଇନ୍ ପ୍ରସ୍ତୁତ ହେବବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ।

ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ଆଇ. ଓ. ସି. ଏଲ୍ ର ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧିତ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଆଇ.ଓ.ସି.ଏଲ୍ ର ଅଧ୍ୟକ୍ଷ ଶ୍ରୀ ଶ୍ରୀକାନ୍ତ ମାଧବ ବୈଦ୍ୟ, ଇଡ୍କୋର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ଶାସନ ସଚିବ ଶ୍ରୀ ସଂଜୟ ସିଂ, ପରିବେଶ ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ ନନ୍ଦ, ଇପିକଲ୍ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡଃ ନିତୀନ୍ ଭାନୁଦାଶ ଜାୱାଲେ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଭୟ ନାୟକଙ୍କ ସମେତ ଗେଲ ଇଣ୍ଡିଆ, ଆଇ. ଓ. ସି. ଏଲ୍ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,
ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ